# Akashvani, Sambalpur

## SAMBALPURI NEWS EVENING BULLETIN

## 8 September 2026-7.02- 7.12 pm.

---

୧- ୫ ଦିନିଆ ସଂଯୁକ୍ତ ଆରବ ଏମିରେଟ୍ସ–ୟୁଏଇ ଗସ୍ତଥି ଗଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟକେ ପୁଞ୍ଜିନିବେଶ ଆନ୍‌ବାର୍ ଲାଗି ନିବେଶକ ଆଉ ଶିଳ୍ପପତି ମାନ୍‌କର୍ ସାଙ୍ଗେ କର୍‌ବେ ଆଲୋଚନା ।

୨- ଭୁବ୍‌ନେଶ୍ୱର୍ ନ ମୁଲ୍ ହେଇଛେ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ- ଉତ୍କଳା- ଶ୍ରୀଗଣେଶ୍ ।

୩- ରାଜ୍ୟର୍ କେନ୍ଦ୍ରାଂଚଲ୍ ଅଧୀନ୍‌ଥି ଥିବା ଜିଲ୍ଲାମାନ୍‌କର୍ ଆଇନ୍ ଶୃଙ୍ଖଳା ପରିସ୍ଥିତିର୍ ସମୀକ୍ଷା କଲେ ପୁଲିସ୍ ମହାନିର୍ଦ୍ଦେଶକ୍ ।

ଆଉର୍

୪- ସମାଜ୍‌ର ଫି' ଲୋକ୍‌କେ ସାକ୍ଷର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଆଏଜ୍ ପାଳନ୍ କରାଯାଉଛେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ।

ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ          ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶାକେ ଅଏତ୍କା ପୁଞ୍ଜିନିବେଶ ଆନ୍ବାର୍ ଆର୍ ବିଶ୍ୱସ୍ତରଥି  ରାଜ୍ୟର୍ ନିବେଶ୍ ସମ୍ଭାବନାକେ ପ୍ରଦର୍ଶନ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଦିନିଆ ସଂଯୁକ୍ତ ଆରବ ଏମିରେଟ୍ସ–ୟୁଏଇ ଗସ୍ତଥି ଯାଇଛନ୍ । ଗସ୍ତ ଅବ୍ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ନ ବିଦେଶୀ ପୁଞ୍ଜିନିବେଶର ସୁଯୋଗ ଆର୍ ସମ୍ଭାବନା ଉପ୍ରେ ପୁର୍ଥିର୍ ନିବେଶକ ଆଉ ଶିଳ୍ପପତିମାନ୍କୁ ସୂଚନା ଦେବେ । ଓଡ଼ିଶା ସହେତେ ଭିନ୍ ଭିନ୍ ଦେଶର ବ୍ୟବସାୟିକ ଓ ଶିଳ୍ପ ସମ୍ପର୍କକେ ବର୍କସ୍ କର୍ବାର୍ ଉପ୍ରେ ଜୋର୍ ଦିଆଯିବା ।

ଗସ୍ତର ପହେଲା ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ଆବୁଧାବି ନ ଇଂଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ଆଉ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ୍ର ପ୍ରମୁଖ ନେତୃତ୍ୱମାନ୍କର୍ ସାଙ୍ଗେ ଆଲୋଚନା କର୍ବେ । ରାଜ୍ୟ ଶିଳ୍ପ, ସୂଚନା  ଆଉ ଲୋକସମ୍ପର୍କ ଆର୍ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସେନ ପୁହୁଁଚିବାର୍ ଉତ୍ରୁ ନିବେଶକ ସମ୍ମିଳନୀ ପ୍ରସ୍ତୁତିର ସମୀକ୍ଷା କରିଛନ୍ । ଭାରତୀୟ ଦୂତାବାସର ଅଧିକାରୀ ଆଉ ରାଜ୍ୟ

ସରକାରଙ୍କର୍ ପ୍ରତିନିଧି଼ ଦଳ ସାଙ୍ଗେ ଆଲୋଚନା କରି କରି ଶ୍ରୀ ଶର୍ମା କାର୍ଯ୍ୟକ୍ରମର ତୟାରି ଆଉ ସମନ୍ୱୟ ବାବ୍‌ଦେ କହିଛନ୍,

(ଭଏସ୍ ଓଭର୍- ହେମନ୍ତ ଶର୍ମା)

ମୁଖ୍ୟମନ୍ତ୍ରୀ ଆଏଜ୍ ଦୁବାଇନ 'ଗୁଟେ ଜିଲ୍ଲା, ଗୁଟେ ଉତ୍ପାଦ' କାର୍ଯ୍ୟକ୍ରମ ଅଧୀନଥି଼ ଓଡ଼ିଶାର ଭିନ୍ ଭିନ୍ ଉତ୍ପାଦର ପ୍ରଦର୍ଶନୀକେ ଉଦ୍‌ଘାଟନ କର୍‌ବେ । ଇତାର୍‌ଛଡ଼ା ଓଡ଼ିଶା ନିବେଶକ ସମ୍ମିଳନୀଥି଼ ଯୋଗଦେଇ କରି ରାଏଜେ ନିବେଶ୍ ଲାଗି ଥି଼ବା ସୁଯୋଗ୍ ବାବ୍‌ଦେ ନିବେଶକମାନଙ୍କୁ ଜନାବେ । ଇ ଅବ୍‌ସରରେ ମୁଖ୍ୟମନ୍ତ୍ରୀ ୟୁଏଇ ନ ରହୁଥି଼ବା ପ୍ରବାସୀ ଓଡ଼ିଆମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ଜନାପଡ଼ିଛେ ।

ହସ୍ତଶିଳ୍ପ ପ୍ରଦର୍ଶନୀ        ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ଏକାମ୍ର ହାଟ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ହସ୍ତତନ୍ତ, ବୟନଶିଳ୍ପ ଆଉ ହସ୍ତଶିଳ୍ପ ବିଭାଗ୍ ତର୍‌ଫୁ ପହେଲା ଥର୍ ଲାଗି ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ହସ୍ତଶିଳ୍ପ ପ୍ରଦର୍ଶନୀ ଉହଲା- ଶ୍ରୀଗଣେଶ୍ ର ଆଏଜ୍ ଶୁଭାରମ୍ଭ ହେଇଛେ । ପ୍ରଦର୍ଶନୀକେ ହସ୍ତତନ୍ତ,

ବୟନଶିଳ୍ପ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ୍ କରିଛନ୍ । ପ୍ରଦର୍ଶନୀ ଆଏବା ୧୩ ତାରିଖ୍‌ତକ୍ ଚାଲ୍‌ବା । ଇଥି ୧୬ ଟା ଜିଲ୍ଲାର୍ ୩୪ ଝନ୍ ହସ୍ତଶିଳ୍ପୀ ସାମିଲ୍ ହେଇଥିବାର୍ ବେଲେ ୩୩ ଟା ଷ୍ଟଲ୍ ଖୁଲାଯାଇଛେ । ପ୍ରଦର୍ଶନୀ ଫି' ଦିନ ସଖାଲର୍ ୧୧ ବଜେନୁ ରାତିର୍ ୯ ବଜେତକ୍ ଖୁଲା ରହେବା । ଉହଳା ବ୍ରାଣ୍ଡ୍ ଅଧୀନ୍‌ଥି ଇ ପ୍ରଦର୍ଶନୀର୍ ବିଷେ ହେଉଛେ ଶ୍ରୀ ଗଣେଶ୍ । ମାଟି, କାଠ୍, ପଥର୍, ଟେରାକୋଟା, ଧାନ୍, ନଡ଼ିଆକତା, ପିତଲ୍ ଆଉ କଂସା ବାଗିର୍ ଭିନ୍ ଭିନ୍ ସାମଗ୍ରୀଥି ତିଆର୍ ହେଇଥିବା ଗଣେଶ୍ ମୂର୍ତି, ପଟ୍ଟଚିତ୍ର ଆଉ ଗଣେଶ କଳାକୃତିକେ ଗୁଟେ ଜାଗା ନ ପ୍ରଦର୍ଶିତ୍ କରାଯାଇଛେ । ଆଏବା ଗଣେଶ୍ ପୂଜାକେ ନଜର୍‌ଥି ରଖିକରି ଇ ପ୍ରଦର୍ଶନୀ ଆୟୋଜନ୍ କରାଯାଇଛେ ।

ରାଜ୍ୟ ପୁଲିସ୍ -ସମୀକ୍ଷା ବୈଠକ ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ପୁଲିସ୍ ମୁଖ୍ୟାଲୟ ଠାନେ ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି କେନ୍ଦ୍ରାଂଚଲ୍ ରେଞ୍ଜ୍ ଅଧୀନ୍‌ଥି ଥିବା ଜିଲ୍ଲାମାନ୍‌କର୍ ଆଇନ୍ ଶୃଙ୍ଖଳା, ଅପରାଧ୍

ନିୟନ୍ତ୍ରଣ୍ ଆଉ ପୁଲିସ୍ ବ୍ୟବସ୍ଥା ବାବ୍‌ଦେ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାମାନ୍‌କର୍ ଆଇନ୍ ଶୃଙ୍ଖଲା ସ୍ଥିତି ସହେତେ ଅପରାଧ୍ ନିୟନ୍ତ୍ରଣ୍, ସଡ଼କ୍ ଦୁର୍ଘଟଣା ଜନିତ ମୃତ୍ୟୁ ହାର କମ୍‌କର୍‌ବାର୍ ବାଗିର୍ ବିଷେ ମାନ୍‌କର୍ ଉପ୍‌ରେ ଜିଲ୍ଲା ଏସ୍.ପି. ମାନ୍‌କର୍ ସଙ୍ଗେ ଡି.ଜି.ପି. ଆଲୋଚନା କରିଛନ୍ । ଇ ଅବ୍‌ସରେ ଡିଜିପି- ରାଜ୍ୟର୍ କେନ୍ଦ୍ରାଂଚଲ୍ ଅଧୀନ୍‌ଥି ଥିବା ଜିଲ୍ଲାମାନ୍‌କେ ଆଏବା ଦିନେ ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା ଆଉ ଅଲ୍‌ଗା ପରବ୍ ମାନ୍‌କେ ଶାନ୍ତିଶୃଙ୍ଖଲା ଆଉ ସୁରକ୍ଷିତ୍ ପରିବେଶ୍‌ଥି ସାର୍‌ବାର୍ ଲାଗି ଏଛେନ୍‌ନୁ ଯୋଜ୍‌ନା ତିଆର୍ କର୍‌ବାର୍‌କେ ଏସ୍.ପି. ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଉପଜିଲ୍ଲାପାଳ ନିଯୁକ୍ତି          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ୨୦୨୪ ବେଚ୍‌ର ଦୁଇ ନମ୍ବର୍ ଖେପ୍ ତାଲିମ୍ ସାରିଥିବା ୯ ଝନ୍ ଆଇ.ଏ.ଏସ୍. ଅଧିକାରୀଙ୍କୁ ଭିନ୍ ଭିନ୍ ଉପଖଣ୍ଡ ନ ଉପଜିଲ୍ଲାପାଲ୍ ଭାବେ ନିଯୁକ୍ତି ଦେଇଛନ୍ । ଇବାବ୍‌ଦେ ସାଧାରଣ୍ ପ୍ରଶାସନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି

ବାହାରିଛେ । ନିଯୁକ୍ତ ଜାଗା ମାନ୍‌କେ ଇ ଅଧିକାରୀମାନେ ଉପଖଣ୍ଡ ମାଜିଷ୍ଟ୍ରେଟ୍ ଦାୟିତ୍ୱଥି ରହେବେ ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ରାଜ୍ୟସ୍ତରୀୟ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍‌ର କୃଷି ଭବନ୍ ଠାନେ ରାଜ୍ୟ କ୍ଷେତ୍ର ଯୋଜ୍‌ନା- ଆଖୁ ଉନ୍ନୟନ୍ ପ୍ରଯୁକ୍ତି ମିଶନ୍, ରାଜ୍ୟସ୍ତରୀୟ କର୍ମଶାଳା ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଅଏତ୍‌କା ଅମଲ୍ ଲାଗି ଆଧୁନିକ୍ ପ୍ରଣାଲୀଥି ଆଖୁଚାଷ୍ ଉପ୍‌ରେ ଜୋର୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ବୟନ ଆଉ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ ଯୋଗ୍ ଦେଇଥିଲେ ।

ଜନଜାତି ସମସ୍ୟା ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ– ଏନ୍.ସି.ଏସ ୍.ଟି.ର ଅଧ୍ୟକ୍ଷ ଅନ୍ତରସିଂହ ଆର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷ ନ ଜନଜାତିଙ୍କର୍ ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ଆଲୋଚନା ଆର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ସେ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଶିକ୍ଷା, ନିଯୁକ୍ତି, ଜୀବନଜୀବିକା ଆଉ ଅଧିକାର୍ ବାବ୍‌ଦେ ଆଲୋଚନା କରିଛନ୍ । ଆଦିବାସୀ ସମାଜ୍‌ର ସମସ୍ୟାମାନ୍‌କୁ ଠିକ୍ ଭାବେ ଚିହ୍ନଟ୍ କରିକରି ସେଟାମାନ୍‌କର୍ ସମାଧାନ୍ ଲାଗି ପ୍ରଶାସନ୍ ଆଉ ସମ୍ପୃକ୍ତ କମିଟିମାନ୍‌କୁ ଅଏତ୍‌କା ଦାୟିତ୍ୱ ନେଇକରି କାମ୍ କର୍‌ବାର୍‌କେ ସେ ପରାମର୍ଶ ଦେଇଥିଲେ । ବୈଠକଥି ଆଦିବାସୀ ସମ୍ପ୍ରଦାୟର୍ ଭିନ୍ ଭିନ୍ ପ୍ରସଙ୍ଗ, ଅଧିକାର୍ ଆର୍ ସର୍‌କାରୀ ଯୋଜ୍‌ନାର୍ କାର୍ଯ୍ୟକାରିତାର୍ ବାବ୍‌ଦେ ସମୀକ୍ଷା କରାଯାଇଛେ ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ସମାଜ୍‌ର ଫି ଲୋକ୍‌କେ ସାକ୍ଷର୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଲନ୍

କରାଯାଉଛେ । ଆଝିର୍ ଦିବସର୍ ବାର୍ତା ରହିଛେ, ଲୋକ୍‌ମାନେ, ପୁର୍‌ଥି ଆଉ ସମୃଦ୍ଧି ଲାଗି ସାକ୍ଷରତା’। ୧୯୬୬ ମସିହା ଅକ୍ଟୋବର୍ ୨୬ ତାରିଖ୍‌ଥି ପହେଲାଥର୍ ଲାଗି ୟୁନେସ୍କୋର୍ ୧୪ ନମ୍ବର୍ ସାଧାରଣ୍ ସମ୍ମିଳନୀଥି ସେପ୍ଟେମ୍ବର୍ ୮ ତାରିଖ୍‌କେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଲନ୍ ଲାଗି ଘୋଷ୍‌ନା କରାଯାଇଥିଲା । ୧୯୬୭ ମସିହାନୁ ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଇ ବଛର୍ ଦିବସ୍ ପାଲନ୍‌ର ୬୦ ନମ୍ବର୍ ବାର୍ଷିକୀ ଅନୁଷ୍ଠିତ୍ ହେଉଛେ ।  ଭାରତ୍‌ର ସାମଗ୍ରୀକ ସାକ୍ଷରତା ହାର ୮୦ ଦଶ୍‌ମିକ୍ ୯ ପ୍ରତିଶତ୍ ହେଇଛେ । ଅପହଂଚ୍ ଇଲାକା, ଆଦିବାସୀ ଗାଁ ଆଉ ଶ୍ରମିକ୍‌ମାନ୍‌କୁ ସାକ୍ଷର୍ କର୍‌ବାର୍ ଲକ୍ଷ୍ୟ ନେଇକରି କେନ୍ଦ୍ର ସର୍‌କାର୍ ନବଭାରତ୍ ସାକ୍ଷରତା କାର୍ଯ୍ୟକ୍ରମ୍- ଉଲ୍ଲାସ୍ ମୁଲ୍ କରିଛନ୍ । ସାରା ଦେଶେ ୩ କୋଟି ୯୨ ହଜାର୍ ଶିକ୍ଷାର୍ଥୀ ଆଉ ୫୧ ଲାଖ୍ ୪ ହଜାର୍ ସ୍ୱେଚ୍ଛାସେବୀ ଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଛନ୍ ।

## ବିଶ୍ୱ ଫିଜିଓଥେରାପି ଦିବସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଫିଜିଓଥେରାପି ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ଇ ଅବ୍ସରେ ଭାରତୀୟ ଫିଜିଓଥେରାପି ସଂଘ ଓଡ଼ିଶା ଶାଖା ଆର୍ ସଂଘର୍ ମହିଳା ବିଭାଗ୍ ଅନୁକୂଲ୍ୟଥି ଗୁଟେ ସଡ଼କ୍ ସୁରକ୍ଷା ସଚେତନତା ମଶାଲ୍ ପଦଯାତ୍ରା ଭୁବ୍ନେଶ୍ୱର୍ ଠାନେ ହେଇଯାଇଛେ । ଫରେଷ୍ଟ ପାର୍କ ପାଖେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଇତାର୍ ଶୁଭାରମ୍ଭ କରିଥିଲେ । ସଡ଼କ୍ ସୁରକ୍ଷା ଆଉ ସାମୂହିକ୍ ବୃଦ୍ଧି ଲକ୍ଷ୍ୟଥି ମନ୍ତ୍ରୀ ସମ୍କର୍ ସହଯୋଗ୍ କାମନା କରିଛନ୍ । ପଦଯାତ୍ରାଥି ଫିଜିଓଥେରାପି ସଂଘର୍ କର୍ମକର୍ତାଙ୍କର୍ ସହେତେ ସମାଜ୍ର ଭିନ୍ ଭିନ୍ ବର୍ଗର୍ ଲୋକ୍ ଭାଗ୍ ନେଇଥିଲେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଅବ୍ସରେ ଶୁଭେଚ୍ଛା ଜନେଇଛନ୍ । ସୁସ୍ଥ ଜୀବନ୍ଶୈଲୀଥି ସାହାଜ୍ ଦେଇଆସୁଥିବା ଫିଜିଓଥେରାପିଷ୍ଟଙ୍କର୍ ଗୁରୁଦାୟିତ୍ୱ ଉପ୍ରେ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଆଲୋକପାତ କରିଛନ୍ ।

ଶ୍ରୀମନ୍ଦିର୍- ଟ୍ରେଡ୍ମାର୍କ                ପୁରୀ ସମ୍ବାଦଦାତା

ପୁରୀର ଶ୍ରୀମନ୍ଦିର୍, ରତ୍ନଭଣ୍ଡାର୍ ଆଉ ଶ୍ରୀନହର ନାଁକେ ଟ୍ରେଡ୍ମାର୍କର ମାନ୍ୟତା ମିଲିଛେ । ୩ ନମ୍ବର୍ ଖେପ୍ଥି

ଶ୍ରୀମନ୍ଦିର୍ ପ୍ରଶାସନ୍ ଇ ମାନ୍ୟତା ପାଇଛେ । ପହେଲା ଖେପ୍ ଆନନ୍ଦ ବଜାର୍, ପତିତପାବନ ଆଉ ନୀଳଚକ୍ର ଲୋଗୋକେ ମାନ୍ୟତା ମିଳିଥିଲା । ସେନ୍ତା ୨ ନମ୍ବର୍ ଖେପ୍‌ଥି ଜଗନ୍ନାଥ୍ ଧାମ୍, ଶ୍ରୀକ୍ଷେତ୍ର, ମହାପ୍ରସାଦ୍, ନୀଳଚକ୍ର ଆଉ କୋଇଲି ବୈକୁଣ୍ଠକେ ଟ୍ରେଡ୍‌ମାର୍କ ମାନ୍ୟତା ମିଳିଥିଲା । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ମନ୍ଦିର୍ ସାଙ୍ଗେ ଜୁଡ଼ି ହେଇକରି ଥିବା ୨୯ ଟା ନାଁକେ ଟ୍ରେଡ୍‌ମାର୍କ ମାନ୍ୟତା ଲାଗି ଆବେଦନ୍ କରାଯାଇଥିଲା । ମାହାପୁରୁଙ୍କର୍ ଆସ୍ଥା ଆଉ ବିଶ୍ୱାସ୍ ସାଙ୍ଗେ ଇ ନାଁ ମାନ୍ ଜୁଡ଼ି ହେଇଥିବାର୍‌ନୁ ତାକେ ସୁରକ୍ଷିତ୍ ରଖିବାର୍ ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଏନ୍ତା ଚେଷ୍ଟା କରାଯାଇଥିବାର୍ ସୂଚ୍‌ନା ମିଳିଛେ ।

ଦିଶା ବୈଠକ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଲୁକ୍‌କୁ ମୌଳିକ୍ ସୁବିଧା ଆଉ ସୁଯୋଗ୍ ଯୁଗେଇ ଦେବାର୍ ଲାଗି ଜିଲ୍ଲା ସମନ୍ୱୟ ଆଉ ତଦାରଖ୍ କମିଟି -ଦିଶା ବୈଠକ୍ ଅନୁଷ୍ଠିତ୍ ହେଇଯାଇଛେ । ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ବୈଠକ୍‌ଥି ଅଧ୍ୟକ୍ଷତା କରିକରି

ନାକଟିଦେଉଲ୍, ରେଢ଼ାଖୋଲ୍, ଜମନ୍କିରା, କୁଚିଣ୍ଡା ଆଉ ବାମ୍ରା ବ୍ଲକ୍ ନ ପିଏମ୍ କୁସୁମ୍ ଯୋଜ୍ନାକେ ବ୍ୟାପକ୍ କର୍ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ । ସବୁ ଗ୍ରାମ୍ପଂଚାୟତ୍ ଆଉ ହାଇସ୍କୁଲ୍କେ ଇଂଟର୍ନେଟ୍ ସଂଯୋଗ୍ କରାଯିବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଜିଲ୍ଲା ନ ୨ ଶହ ୨ ଟା ଟେଲିଫୋନ୍ ଟାୱାର୍ ଥିବାର୍ ବେଲେ ଆଉ ୩ ଶହ ଟା ଦର୍କାର୍ ଅଛେ । ସେ ଭିତ୍ରୁ ୬୦ ଟା ମଞ୍ଜୁର୍ କରାଯାଇଛେ ବଲି ବୈଠକ୍ନୁ ଜନାପଡ଼ିଛେ । ବୈଠକ୍ଥି ଗ୍ରାମୀଣ୍ ବିକାଶ, ପଂଚାୟତିରାଜ୍ ଆଉ ପାନୀୟଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍ହଲ୍ ଠାନେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ହେଇଯାଇଛେ । ମୋଟ୍ ୮୫ ଝନ୍ ଭିନ୍ନକ୍ଷମ ପଞ୍ଜିକରଣ୍ କରିଥିବାର୍ ବେଲେ ୪୮ ଝନ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ୍, ୨୩ ଝନ୍କୁ ବସ୍ ପାସ୍, ଡି.ଆର.ଆଇ ଋଣ ଲାଗି ୨ ଝନ୍,

ଭିନ୍ନକ୍ଷମ୍ ଉପକରଣ୍ ଲାଗି ୯ ଝନ୍ ଆଉ ସର୍କାର୍ଙ୍କର୍ ଭିନ୍ ଭିନ୍ ଜନହିତକର୍ ଯୋଜ୍ନା ଲାଗି ହିତାଧିକାରୀ ବଛାଯାଇଥିଲା ।

ପ୍ରଧାନ୍ ଶିକ୍ଷକ-ଦିଗ୍ଦର୍ଶନ୍ କାର୍ଯ୍ୟକ୍ରମ/ଆଇ.ଆଣ୍ଡ୍.ପି.ଆର୍

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍ଫୁ ୭୧ ଟା ନୂଆଁ ଭାବେ ଉନ୍ନତି ସର୍କାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର୍ ଭାରପ୍ରାପ୍ତ ପ୍ରଧାନ୍ ଶିକ୍ଷକ୍ମାନ୍କର୍ ଲାଗି ଭୁବ୍ନେଶ୍ୱର୍ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ଦିନ୍କିଆ ଦିଗ୍ଦର୍ଶନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଅନ୍ଲାଇନ୍ ନାଁଲେଖା ପ୍ରକ୍ରିୟା, ଅତିଥି ଅଧ୍ୟାପକ ବାଛ୍ବାର୍ ଆଉ ଅଲ୍ଗା ଶୈକ୍ଷିକ୍ ଆଉ ପ୍ରଶାସନିକ କାମ୍ କାଜ୍ ସହେତେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିଚାଳନାର୍ ଗୁରୁତ୍ୱପୂର୍ଣ୍ଣ ଦିଗ୍ ବାବ୍ଦେ ଜନାବାର୍ ଲାଗି ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଥିଲା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ପାଖର୍, ଉତର ପଶ୍ଚିମ ବଙ୍ଗୋପସାଗର ନ ଆଏବା ଶୁକ୍ରବାର୍ ତକ୍ ଆଉ ଗୁଟେ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍ଥି ଉତର୍ ଆନ୍ଧ୍ରପ୍ରଦେଶ୍ ଆର୍ ଦକ୍ଷିଣ୍ ଓଡ଼ିଶାନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା ୨ ଦିନ୍ତକ୍ ବିଜ୍ଲି ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି ମାରିକରି ବର୍ଷା ହେବା ବଲି ୧୫ ଟା ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ ।